ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ନଭେମ୍ବର ୧/୨୦୧୯ Rayagada, Friday, November. 1 / 2019

## ସଂକ୍ଷେପରେ

### ଖୁଣ୍ଟରୁ ପଡ଼ି ବିଦ୍ୟୁତ୍ କର୍ମଚାରୀ ମୃତ

କୋରାପୁଟ,୩୧।୧୦(ସ୍ୱ.ପ୍ର.): କୋରାପୁଟ ସହରର ଚମ୍ପାଗୁଡ଼ା ଅଞ୍ଚଳରେ ଥିବା ଏକ କଲେଜ ନିକଟରେ ମରାମତି କରୁଥିବା ବେଳେ ଖୁଣ୍ଟରୁ ଖସିପଡ଼ି ଜଣେ ବିଦ୍ୟୁତ କର୍ମଚାରୀ ଗୁରୁତର ହୋଇଥିଲେ। ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରଙ୍ଗବାଲି କୁମ୍ଭା ଗ୍ରାମର ମାଧବ ଜାନି (୪୮)। ଏନେଇ କୋରାପୁଟ ହସପିଟାଲରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା । ଘଟଣାସ୍ଥଳରେ ସହକାରୀ ଜିଲାପାଳ ଆଲୋକ ଚନ୍ଦ୍ର ଅନୁଗୁଳିଆ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ମୃତଦେହ ସତ୍କାର ପାଇଁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ସାଉଥ୍କୋ ପକ୍ଷରୁ ୧୫ ହଜାର ଟଙ୍କାର ସହାୟତା ଦିଆଯିବା ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ବରୁଣ ଗୁଣ୍ଟୁପାଲୀ ନୂଆ ଏସ୍ଡିପିଓ



ଜୟପୁର,୩୧।୧୦(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ଏସ୍ଡିପିଓ ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଯୁବ ଆଇପିଏସ୍ ଅଧିକାରୀ ବରୁଣ ଗୁଣ୍ଟୁପାଲୀ। ୨୦୧୬ ବ୍ୟାଚ୍‌ର ଆଇପିଏସ୍ ଥିବା ବରୁଣ ଏହା ପୂର୍ବରୁ ଏସ୍ଓଜି ତାଲିମ କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଜୟପୁର ସହରର ଟ୍ରାଫିକ ବ୍ୟବସ୍ଥା ଏବଂ ଉପଖଣ୍ଡ ଅଧୀନ ୫ଟି ଥାନାର ଆଇନଶୃଙ୍ଖଳା ବ୍ୟବସ୍ଥା ସୁଦୃଢ଼ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଦାୟିତ୍ୱ ନେବା ଅବସରରେ ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଦୁଇ ମାସ ତଳେ ଏଠାରେ ଏସ୍ଡିପିଓ ଥିବା ସାଗରିକା ନାଥଙ୍କ ଭୁବନେଶ୍ୱର ବଦଳି ପରେ ବୋରିଗୁମ୍ମା ଏସ୍ଡିପିଓ ହରେକୃଷ୍ଣ ମାଝି ଜୟପୁରର ଅତିରିକ୍ତ ଦାୟିତ୍ୱରେ ରହିଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ



ଜୟପୁର,୩୧।୧୦(ନି.ପ୍ର./ଡି.ଏନ୍.ଏ.): ଜିଲା କଂଗ୍ରେସ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧଦିବସ ପାଳିତ ହୋଇଛି। ଏନେଇ ଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଇନ୍ଦିରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦେଶ ପାଇଁ ଗାନ୍ଧୀ ପରିବାରର ଅବଦାନ ବହୁତ ରହିଛି ଯାହା ଚିରସ୍ମରଣୀୟ ଅଟେ । ବିଭିନ୍ନ ବର୍ଗର ଲୋକଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଗାନ୍ଧୀ ପରିବାର । ଜିଲାରେ ଶିକ୍ଷକ, ଡାକ୍ତର ଅଭାବ ଥିବାବେଳେ ସ୍ଥାନୀୟ ନିଯୁକ୍ତି ନ ଥିବା ଯୋଗୁ ଏଠାକାର ଶିକ୍ଷିତ ଯୁବତୀ ଯୁବକ ବେକାର ରହିଛନ୍ତି ବୋଲି ବାହିନୀପତି କହିଥିଲେ। ହସନ ମଦାନିଙ୍କ ସଭାପିତତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଜିଲା ମହିଳା ସଭାନେତ୍ରୀ ନଳିନୀ ରଥ, ନିହାର ବିଷୋୟୀ, ନରେନ୍ଦ୍ର ମହାନ୍ତି, ବ୍ରଜ ନାଗ, ରାମ ନାୟକ ଉପସ୍ଥିତ ଥିଲେ।

# ଅମଳ ବେଳେ ଚାଷୀଙ୍କୁ ଚିନ୍ତା ବର୍ଷା

କୁନ୍ଦୁରା,୩୧।୧୦(ଡି.ଏନ୍.ଏ.)



- ଲେଡ଼ାପୋକ, ବିପିଏଚ୍ ପ୍ରାଦୁର୍ଭାବ ପରେ ଦାଉ ସାଧୁଛି ଅଦିନିଆ ବର୍ଷା
- ଓଦା ଥିବା ଯୋଗୁ ଜମିକୁ ପଶିପାରୁନି ଧାନକଟା ମେଶିନ
- ୧୫ରୁ ଧାନ ସଂଗ୍ରହ ପାଇଁ ଘୋଷଣା କଲାଣି ପ୍ରଶାସନ

ହଜାର ହଜାର ଏକର ଜମିରେ ଖରିଫ ଫସଲ ଅମଳ ପାଇଁ ଚାଷୀ ପ୍ରସ୍ତୁତ ହେବା ବେଳକୁ ଦାଉ ସାଜିଛି ଅଦିନିଆ ବର୍ଷା। ପୂର୍ବରୁ ଫସଲରେ ବିଭିନ୍ନ ରୋଗପୋକ ଯୋଗୁ ଆତଙ୍କିତ ହୋଇପଡ଼ିଥିବା ଚାଷୀ ଏବେ ବର୍ଷା ପାଇଁ ଅମଳକୁ ନେଇ ଆଶଙ୍କିତ ହୋଇପଡ଼ିଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ସର୍ବାଧିକ ଧାନ ଅମଳ ହୁଏ। କିନ୍ତୁ ଅକ୍ଟୋବର (କାର୍ତ୍ତିକ) ମାସର ଅନେକ ଦିନ ବର୍ଷାରେ ବିତିଯିବା ଯୋଗୁ ଧାନକଟା ହୋଇପାରି ନାହିଁ। ବ୍ଲକର ଅଧିକାଂଶ ଚାଷୀ ଖରିଫ ଓ ରବି ଚାଷ କରନ୍ତି। ଆଶ୍ୱିନ ପୂର୍ଣ୍ଣିମା ପରେ ପରେ ଧାନକଟା ଆରମ୍ଭ ହୁଏ। ଏଥର ଖରିଫ ଋତୁରେ ୯୦ ପ୍ରତିଶତ ଚାଷୀଙ୍କ ଧାନ ଅମଳ ଉପଯୋଗୀ ହୋଇସାରିଥିବା ବେଳେ ବର୍ଷା ଯୋଗୁ ଧାନ କାଟି ନ ପାରି ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେତେକ ଚାଷୀ ଧାନ କାଟିଥିବା ବେଳେ ବର୍ଷା ଯୋଗୁ ଘରକୁ ଆଣି ନ ପାରି ଜମିରେ ଛାଡ଼ିଦେଇଛନ୍ତି। ଚଳିତ ଖରିଫ ଋତୁରେ ୯୮ ପ୍ରତିଶତ ଚାଷୀଙ୍କ ଧାନ ଭଲ ହୋଇଥିଲା। କିନ୍ତୁ ଶେଷଆଡ଼କୁ ଲେଡ଼ାପୋକ, ବିପିଏଚ୍ ଓ ଅଦିନିଆ ବର୍ଷା ଦାଉ ସାଧୁଛି। ଚାଷୀଙ୍କ କହିବା ଅନୁଯାୟୀ ରୋଗପୋକ କିମ୍ବା ଅଦିନିଆ ବର୍ଷା ହୋଇ ନ ଥିଲେ ଏକର ପିଛା ୩୫ କୁଇଣ୍ଟାଲ ଧାନ ଅମଳ ହୋଇଥାନ୍ତା । କୁନ୍ଦୁରା ବ୍ଲକର ଅଧିକ ଅମଳ ହେଉଥିବା ଅଞ୍ଚଳରୁ ଡଙ୍ଗରପାଉଁଶୀ, କୁନ୍ଦୁରା, ଦିଗାପୁର, ବାଣୁଆଗୁଡ଼ା, ଭୁଜାଙ୍ଗଗୁଡ଼ା, ଲିମା, ଫୁପୁଗାଁ, ପଖନାଗୁଡ଼ା, ମସିଗାଁ ଭଳି ପଞ୍ଚାୟତରେ ଚଳିତବର୍ଷ ବିପିଏଚ୍ ଓ ଲେଡ଼ାପୋକ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଥିଲା। ଫୁପୁଗାଁର ଗୁପ୍ତ ପ୍ରସାଦ ମହାପାତ୍ର ଓ କୁନ୍ଦୁରାର ପ୍ରମୋଦ ପଟ୍ଟନାୟକଙ୍କ ଚାଷଜମି ସର୍ବାଧିକ ବିପିଏଚ୍ ଆକ୍ରାନ୍ତ ହୋଇଥିଲା। ଗତ ୩୦ ତାରିଖରେ ହୋଇଥିବା ଡିଏଲ୍‌ପିସି ବୈଠକରେ ଆସନ୍ତା ୧୫ରୁ ଧାନ ସଂଗ୍ରହ ପାଇଁ ସରକାରୀ ଘୋଷଣା କରାଯାଇଛି। କିନ୍ତୁ ଏଯାଏ ଅମଳ ଚିନ୍ତାରେ ଥିବା ଚାଷୀ କିପରି ଧାନ ଦେବ, ତାହା ବଡ଼ ପ୍ରଶ୍ନ। ବର୍ଷା ଯୋଗୁ ଜମି ଓଦା ଥିବା ଯୋଗୁ ଧାନ କାଟିବା ମେଶିନ ଜମି ଭିତରକୁ ଯିବା ସମ୍ଭବ ହୋଇପାରୁ ନାହିଁ। ଖରିଫ ଋତୁରେ ବଡ଼ଚାଷୀ, କ୍ଷୁଦ୍ର ଚାଷୀ, ଭାଗ ଚାଷୀ ରହିଥିବା ବେଳେ ସବୁଠାରୁ ବଡ଼ ଚିନ୍ତା ଭାଗଚାଷୀଙ୍କ ପାଇଁ । ଚାଷୀମାନେ ବିଭିନ୍ନ ସମୟରେ ଲ୍ୟାମ୍ପ କିମ୍ବା ବ୍ୟାଙ୍କରୁ ଋଣ ନେଉଥିବା ବେଳେ ସେଠାରେ କ୍ଷୟକ୍ଷତି ପାଇଁ ବୀମା କରାଇଛନ୍ତି। କିନ୍ତୁ ରୋଗପୋକ ଓ ଅଦିନିଆ ବର୍ଷା ଯୋଗୁ ସେମାନଙ୍କ କ୍ଷତି ଭରଣା ମିଳିଲେ ଆଶ୍ୱସ୍ତ ହୋଇପାରନ୍ତୁ ବୋଲି ଚାଷୀ କହିଛନ୍ତି।

■ ଲାଇସେନ୍ସ ନ ଥାଇ ରଖିଥିଲେ ଦେଶୀ ବନ୍ଧୁକ

# ଓଡ଼ପୁରରୁ ୪ ଗିରଫ, ବନ୍ଧୁକ ଜବତ



ଗିରଫ ୪ ଅଭିଯୁକ୍ତ।

କୋରାପୁଟ,୩୧।୧୦(ସ୍ୱ.ପ୍ର.)

ବିନା ଲାଇସେନ୍ସରେ ଦେଶୀ ବନ୍ଧୁକ ରଖିଥିବା ଅଭିଯୋଗରେ କୋରାପୁଟ ସଦର ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଓଡ଼ପୁର ଗ୍ରାମରୁ ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ଟି ଦେଶୀ ବନ୍ଧୁକ ମଧ୍ୟ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଓଡ଼ପୁର ଗ୍ରାମର ଡମ୍ବରୁ ଗୌଡ଼, ମଦନ ଗୌଡ଼, ଜଗଦୀଶ ଗୌଡ଼, ଡି. ଗୌଡ଼। ଏମାନଙ୍କ ବୟସ ୨୫ରୁ ୩୫ ମଧ୍ୟରେ ହେବ। କୋରାପୁଟ ସଦରଥାନାରେ ଏ ନେଇ କେସ୍ ନଂ ୧୧୧/୨୦୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଚିତ୍ତରଞ୍ଜନ ପ୍ରଧାନୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ବୁଧବାର ରାତିରେ ଓଡ଼ପୁର ଗ୍ରାମରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରାସ୍ତା ମଝିରେ ଖୁଣ୍ଟ ପୋତିଦେଲା ବିଦ୍ୟୁତ୍ ବିଭାଗ

କୋଲାବନଗର,୨୧।୧୦(ଡି.ଏନ୍.ଏ.)



ରାସ୍ତା ମଝିରେ ପୋତା ହୋଇଛି ବିଦ୍ୟୁତ୍ ଖୁଣ୍ଟ।

- ଅଧାରେ ପଡ଼ିଛି ରାସ୍ତା ନିର୍ମାଣ କାମ
- ଅଯଥା ଅର୍ଥ ଶ୍ରାଦ୍ଧ କରୁଛନ୍ତି ଠିକାଦାର

ଜୟପୁର ବ୍ଲକ ଧଉଡ଼ାପଦର ଛକରୁ ଡୁମୁରିପଦର ପର୍ଯ୍ୟନ୍ତ ୮କିମି ପିଚୁ ରାସ୍ତାରେ ଅବ୍ୟବସ୍ଥା କରିଛି ବିଦ୍ୟୁତ ବିଭାଗ। ଏହି ୮ କିମି ରାସ୍ତା କୋରାପୁଟ ବ୍ଲକର ଶେଷ ଧଉଡ଼ାପଦର ଛକ ଓ ଜୟପୁର ବ୍ଲକର ଆରମ୍ଭ ଡୁମୁରିପଦର ଓ ପୋଡ଼ାପଦର ଆଦିବାସୀ ଗ୍ରାମ ଯାଏ ରହିଛି। ଜୟପୁର ଆରଡି ଡିଭିଜନ ପକ୍ଷରୁ ଗତ ମାର୍ଚ୍ଚ ୨୦୧୮ରୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଜଣେ ଠିକାଦାର କରୁଛନ୍ତି। ଦୁଃଖର କଥା ଗତ ୧୫ ଜୁନ୍‌ରେ ଜୟପୁର ସାଉଥକୋର କର୍ମଚାରୀ ଉକ୍ତ ରାସ୍ତାରେ ମଧ୍ୟଭାଗରେ ବିଦ୍ୟୁତ ଖୁଣ୍ଟ ପୋତି ସରବରାହ ଦେଇଛନ୍ତି। ଏପିରିକି ରାସ୍ତାରେ ଥିବା ଗୋଟିଏ ଖୁଣ୍ଟରେ ବିଦ୍ୟୁତ ତାର ମାତ୍ର ୬ମିଟର ଉପରେ ବିପଦସଙ୍କୁଳ ଅବସ୍ଥାରେ ଝୁଲିକରି ରହିଛି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମସ୍ତ ଯନ୍ତ୍ରପାତି ୪ମାସ ହେଲା ଅଚଳ ହୋଇ ପଡ଼ିଛି। ସେ ବାବଦରେ ଠିକାଦାର ମାସିକ ୬ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି। ଠିକାଦାର କହିଛନ୍ତି, ସେସୁ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ସହ ବହୁବାର ଯୋଗାଯୋଗ କରି ମଧ୍ୟ ବିଫଳ ହୋଇଛି। ଶେଷରେ ଠିକାଦାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହାସତ୍ତ୍ୱେ ଯନ୍ତ୍ରୀ ଚୁପ୍ ବସିଛନ୍ତି। ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ବାହାର କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସମାରୁ କିର୍ସାନି, ସୁନ୍ଦର ଜାନି, ଲଛା ସାନ୍ତା, ଖୋଡି ମୁଦୁଲି, ଧନପତି ଜାନି, କବି ଜାନି, ଜର ମୁଦୁଲିଙ୍କ ସମେତ ସ୍ଥାନୀୟ ବାଗ୍ରା, ପୋଡ଼ାପଦର, ଡୁମୁରିପଦର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବିଜେଡି ପଦଯାତ୍ରା

ବୈପାରୀଗୁଡ଼ା,୩୧।୧୦(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକର ବାଲିଗାଁ ଓ ରାମଗିରି ପଞ୍ଚାୟତର ବିଭିନ୍ନ ଇଲାକାରେ ଗୁରୁବାର ବିଜେଡି ପକ୍ଷରୁ ପଦଯାତ୍ରା ଆୟୋଜିତ ହୋଇଛି। ଏଥିରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ମୁନା ମହାପାତ୍ର, ସାଥିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା, ସୁରେନ୍ଦ୍ର ପ୍ରଧାନି ଉପସ୍ଥିତ ଥିଲେ। ଏଥିରେ କର୍ମୀମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ସଂଗଠନ ଦୃଢ଼ କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।



ସଭାରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ଅନ୍ୟ ଅତିଥିମାନେ।

# ୩ ମା'ବାପଛେଉଣ୍ଡ ଶିଶୁଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ଦଶମନ୍ତପୁର,୩୧।୧୦(ଡି.ଏନ୍.ଏ.)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ବଦଲିକୁଡୁମା ଗ୍ରାମର ମା'-ବାପଛେଉଣ୍ଡ ୩ ଜଣ ଭଉଣୀ, ଭାଇଙ୍କ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ସେମାନଙ୍କ ପାଖରେ ପହଞ୍ଚିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ। ଏହି ଅସହାୟ ୩ ପିଲାଙ୍କ ମା' ଦୁଇଦିନ ତଳେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଆଖି ବୁଜିଥିଲେ। ଡିସିପିଓ ଦାସ ସେମାନଙ୍କ ପାଖରେ ପହଞ୍ଚି ଖାଦ୍ୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ସେମାନଙ୍କ ମାତାଙ୍କ ଦଶାହ କାର୍ଯ୍ୟ ପରେ ଏହି ୩ ପିଲାଙ୍କୁ ପ୍ରଶାସନ ଥଇଥାନ କରୁ ବୋଲି ଗ୍ରାମବାସୀ ସିଡିପିଓ ଦାସଙ୍କୁ ନିବେଦନ କରିଥିଲେ। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ସହ ଆଲୋଚନା କରିବାପରେ ବ୍ଲକ ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର, ରେଡକ୍ରସ୍ ପାଣ୍ଠିରୁ ୧୦ହଜାର,୧୦ କେଜି ଚାଉଳ ସେମାନଙ୍କୁ ପ୍ରଦାନ କରାଯାଇଥିବା ଡିସିପିଓ ଦାସ କହିଥିଲେ।

## ତେଲୁଗୁ ସମ୍ପ୍ରଦାୟ ପାଳିଲେ ନାଗ ଚତୁର୍ଥୀ

ଜୟପୁର,୩୧।୧୦(ଡି.ଏନ୍.ଏ.): ଜୟପୁରରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ନାଗ ଚତୁର୍ଥୀ ଅବସରରେ ନାଗୁଣୀ ଓ ନାଗ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ତାନର ମଙ୍ଗଳ କାମନା ପାଇଁ ମହିଳାମାନେ ଉଇ ହୁଙ୍କା ଓ ସାପ ବିଳାରେ ପୂଜାର୍ଚ୍ଚନା କରିଥିଲେ। ସହର ଉପକଣ୍ଠ ପୁରୁଣାଗଡ଼, ଜୟନଗର, ବାମୁଣିଗାଁ, ହାତୀଶାଳରେ ଏହି ପୂଜାର୍ଚ୍ଚନା କରାଯାଇଥିଲା।

■ ଜିଲା ପରିଷଦ ଆସନ ପାଇଁ ଉପନିର୍ବାଚନ

# ବିଜ୍ଞପ୍ତି ପରେ ରାଜନୈତିକ ଦଳ ତତ୍ପର

ପଟ୍ଟାଙ୍ଗି,୩୧।୧୦(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ଅଧୀନରେ ରହିଛି ୨ଟି ଜିଲା ପରିଷଦ ଆସନ। ଏଥିରୁ ଜୋନ୍-୧ରେ ଉପନିର୍ବାଚନ ପାଇଁ ବ୍ଲକରେ ନିର୍ବାଚନୀ ଆଚରଣବିଧି ଲାଗୁ ହୋଇଛି। ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛି ବ୍ଲକ ପ୍ରଶାସନ। ଏହାକୁ ନେଇ ଏବେ ତତ୍ପର ହୋଇପଡ଼ିଛନ୍ତି କଂଗ୍ରେସ, ବିଜେଡି ଓ ଭାଜପା। ଏହି ଆସନକୁ ହାତେଇବା ପାଇଁ ୩ ରାଜନୈତିକ ଦଳ ଉଦ୍ୟମ ଆରମ୍ଭ କରିଦେଲେଣି।

ଜିଲା ପରିଷଦ ଜୋନ୍-୧ ଅଧୀନରେ ଯାଉଛି କୋଟିଆ, ମାଳିପୁଟ, ଦେଓପଟ୍ଟାଙ୍ଗି, ପୁକାଲି, ପଟ୍ଟାଙ୍ଗି, ଗାଙ୍ଗରାଜପୁର ଓ ନୂଆଗାଁ ପଞ୍ଚାୟତ। ୭ଟି ପଞ୍ଚାୟତରେ ୨୩ ହଜାର ୬୨୪ ଭୋଟର ରହିଥିବା ବେଳେ ୭୯ ବୁଥ ସ୍ତରରେ ଭୋଟ ଗ୍ରହଣ ହେବ। ପ୍ରତି ପଞ୍ଚାୟତ ଅଧୀନରେ ୧୧ଟି ଲେଖାଏ ବୁଥ ରହିଥିବା ବେଳେ କୋଟିଆ ପଞ୍ଚାୟତରେ ୧୩ଟି ବୁଥ୍ ରହିଛି। ଅକ୍ଟୋବର ୩୧, ନଭେମ୍ବର ୧ ଓ ୨ରେ ନାମାଙ୍କନ ପତ୍ର ଦାଖଲ, ୪ରେ ଯାଞ୍ଚ ପ୍ରକ୍ରିୟା, ୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ରହିଛି। ୨୭ ତାରିଖ ସକାଳ ୭ରୁ ମଧ୍ୟାହ୍ନ ୧୨ଟା ଯାଏ ଭୋଟ ଗ୍ରହଣ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଉପଜିଲାପାଳଙ୍କ ନିକଟରେ ଦାଖଲ କରିବେ।ଉଲ୍ଲେଖଯୋଗ୍ୟ, ୧ ନଂ ଜିଲା ପରିଷଦ ସଭ୍ୟ ଭାବେ ବିଜେଡିର ଡୁମୁରି ଖିଲ ୨୦୧୭ରେ ନିର୍ବାଚିତ ହୋଇଥିଲେ ମଧ୍ୟ ପରେ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଏହାର କିଛି ମାସ ପରେ ଅସୁସ୍ଥ ଥାଇ ଗତ ମାର୍ଚ୍ଚ ୨ରେ ତାଙ୍କର ପରଲୋକ ହୋଇଥିଲା। ସେବେଠାରୁ ଏହି ଆସନ ଖାଲି ପଡ଼ିଥିଲା।

## ୩ ଦଳର ପ୍ରାର୍ଥୀଙ୍କ ଉପରେ ନଜର

- ପ୍ରାର୍ଥୀ ଦେଲାଣି କଂଗ୍ରେସ
- ୨ ଆଶାୟୀଙ୍କୁ ନେଇ ଦ୍ୱନ୍ଦ୍ୱରେ ବିଜେଡି
- ପ୍ରାର୍ଥୀ ସ୍ଥିର କରିନି ଭାଜପା

କଂଗ୍ରେସ ଦଳ ପୁକାଲିର ପୂର୍ବତନ ସରପଞ୍ଚ ତ୍ରିପତି ସାରାଙ୍କୁ ପ୍ରାର୍ଥୀ କରିଛି। ବ୍ଲକର ଦୁଇଟି ଜୋନ୍‌ର ସଭାପତି ନୃସିଂହନାଥ ବେହେରା, ଶୁକ୍ରା ଖରା ଓ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମଙ୍କ ସମେତ ଦଳୀୟ କର୍ମୀ ବିଭିନ୍ନ ସ୍ଥାନରେ ପ୍ରଚାର ସଭା ଆରମ୍ଭ କଲେଣି। ବିଜେଡି ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ତେବେ ଦୁଇ ଆଶାୟୀ ଭାବେ ରହିଛନ୍ତି କୋଟିଆ ପଞ୍ଚାୟତର ରଞ୍ଜିତ ପାଙ୍ଗି ଓ ସମ୍ଭାଇ ପଞ୍ଚାୟତ ମଣ୍ଡଳଗୁଡ଼ା ଗ୍ରାମର ବାସିନ୍ଦା ତଥା କଂଗ୍ରେସ ଜୋନ-୨ ସଭାପତି ଶୁକ୍ରା ଖରାଙ୍କ ସାନ ଭାଇ ଲଇଚନ ଖରା। ଗତ ଶନିବାର ସେମିଳିଗୁଡ଼ାର ଏକ ହୋଟେଲରେ ବିଜେଡିର ଦୁଇ ବିଧାୟକ ଓ ଜଣେ ପୂର୍ବତନ ବିଧାୟକ ଗୁପ୍ତ ବୈଠକ କରିଥିଲେ। ସେଠାରେ ରଞ୍ଜିତ ପାଙ୍ଗିଙ୍କ ପ୍ରାର୍ଥିତ୍ୱ ପାଇଁ ଜଣେ ବିଧାୟକ ଓ ଜଣେ ପୂର୍ବତନ ବିଧାୟକ ସମର୍ଥନ କରୁଥିବା ବେଳେ ଅନ୍ୟ ବିଧାୟକ ଜଣକ ଲଇଚନ ଖରାଙ୍କୁ ସମର୍ଥନ କରୁଥିବାରୁ ପ୍ରାର୍ଥୀ କିଏ ହେବ, ତାହା ଚୂଡ଼ାନ୍ତ ହୋଇପାରି ନ ଥିଲା। ଜୋନ୍-୧ ନିର୍ବାଚନୀ ଏରିଆ ଅଧୀନ ୭ଟି ପଞ୍ଚାୟତ ମଧ୍ୟରୁ କୋଟିଆରେ କନ୍ଧ ସମ୍ପ୍ରଦାୟର ଭୋଟ ଅଧିକ ରହିଛି। ବିଜେଡି ରଞ୍ଜିତ ପାଙ୍ଗିଙ୍କୁ ପ୍ରାର୍ଥୀ କରି ଉକ୍ତ ଭୋଟ୍ ହାତେଇବା ପାଇଁ ଆଶା କରାଯାଉଛି। ଅନ୍ୟପକ୍ଷରେ ଭାଜପା ମଧ୍ୟ ଏଯାଏ ପ୍ରାର୍ଥୀ ସ୍ଥିର କରିନାହିଁ। ଗୁରୁବାର ଜାତୀୟ ରାଜପଥ ବିଭାଗ ଡାକ ବଙ୍ଗଳାରେ ଦଳୀୟ କର୍ମୀଙ୍କୁ ନେଇ ଏକ ବୈଠକରେ ଏହା ସ୍ଥିର ହେବ।

## ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସ



ଦାମନଯୋଡ଼ି ନାଲ୍‌କୋ ଟାଉନସିପ୍ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଓ କ୍ରୀଡ଼ା ଶିକ୍ଷକ ଡ. ନିରୋଦ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ଶପଥ ପାଠ କରାଉଛନ୍ତି।



ଦଶମନ୍ତପୁର ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ଗୁରୁବାର ଅଧ୍ୟକ୍ଷ ତ୍ରିନାଥ ପାତିକାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଅଧ୍ୟାପକ ପର୍ଶୁରାମ ସାହୁ, ସୁକାନ୍ତ ବାଣୁଆ, ସରୋଜ ତୁଳ, ପତିତପାବନ ସେନାପତି, ଅନୀଲ ଦୋରା, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି।




ସୁନାବେଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଉଷାରାଣୀ ଦାସ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବାସନ୍ତୀ ପଟ୍ଟନାୟକ, ଡ. ବାସୁଦେବ ସାହୁ, ସରିତା ପରିଡ଼ା, ଶୁଭଶ୍ରୀ ପରିଡ଼ା, ଲକ୍ଷ୍ମୀପ୍ରିୟା ଚୌଧୁରୀ ଛାତ୍ରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ଗୁରୁବାର ଶପଥପାଠ କରାଉଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ନଭେମ୍ବର ୧/୨୦୧୯ Rayagada, Friday, November 1 / 2019

## ସଂକ୍ଷେପରେ



### ୨ ହଷ୍ଟେଲ ଉଦ୍‌ଘାଟନ କଲେ ମନ୍ତ୍ରୀ

**ବିଷମକଟକ, ୩୧।୧୦:** ବିଷମକଟକ ବ୍ଲକ ବେଥିଆପଡା ପଞ୍ଚାୟତ କପାପଦରରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଦୁଇଟି ହଷ୍ଟେଲକୁ ଅନୁସୂଚୀତ ଜାତି, ଜନଜାତି କଲ୍ୟାଣ ବିଭାଗ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସରକାର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ସ୍କୁଲକୁ ଯାଇ ପିଲାମାନଙ୍କ ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ରୋଷେଇ ଘର ଏବଂ ଷ୍ଟୋର ରୁମ୍ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧିର କୁମାର ଦାସ, ଆଇଟିଡିଏ ପିଏ ଗୋରାଚାନ୍ଦ ଗମାଙ୍ଗ, ସହକାରୀ ଯନ୍ତ୍ରୀ ପି.ଏଲ୍.ଘନ, କନିଷ୍ଠ ଯନ୍ତ୍ରୀ ସୁଧାରକର ପାତ୍ର, ବେଥିଆପଡା ସରପଞ୍ଚ ବାରିକା କାଡ୍ରାକା ଉପସ୍ଥିତ ଥିଲେ।

### ବିଜେଡିରେ ମିଶିଲେ ଭାଜପାର ପୂର୍ବତନ ବ୍ଲକ ସଭାପତି

**ଗୁଣପୁର,୩୧।୧୦(ଡି.ଏନ୍.ଏ.):** ଭାଜପାର ପୂର୍ବତନ ବ୍ଲକ ସଭାପତି ବନ୍ଧୁ ଶବର ଏବଂ ତାଙ୍କର ସମର୍ଥକମାନେଗୁରୁବାରବିଜେଡିରେ ସାମିଲ ହୋଇଛନ୍ତି। ଏହି ସମୟରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ଗଗନ ଆଚାର୍ଯ୍ୟ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର ଦାସ ଉପସ୍ଥିତ ଥିଲେ।

### ଭୁଶୁଡିଲା ଥେରୁବାଲି ଷ୍ଟେଶନ ପାଚେରି



**ରାୟଗଡା ଅଫିସ, ୩୧।୧୦:** ବୁଧବାର ବିଳମ୍ବିତ ରାତିରେ ଥେରୁବାଲ ରେଳ ଷ୍ଟେସନକୁ ଲାଗିଥିବା ପଚେରି ଭୁଶୁଡି ପଡିଥିଲା। ଏଥିରେ ରାସ୍ତା ଉପରେ ଥିବା ବିଭିନ୍ନ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଥେରୁବାଲି ଡିପି କ୍ୟାମ୍ପରୁ ପାଇକପଡା ଦେଇ ଯାଉଥିବା ରୋଡ ଉପରେ ପାଚେରି ଭାଙ୍ଗିପଡିବା ଯୋଗୁ ଗୋଟିଏ ଟ୍ରାକ୍ଟର ଓ ଦୁଇଟି ଅଟୋ କ୍ଷତିଗ୍ରସ୍ତ ହୋଇଛି। ରାସ୍ତାରେ ଉପରେ ମାଟି ପଡିରହିବା ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ତେବେ ପାଚେରି ଭାଙ୍ଗିବାର କାରଣ ଏଯାଏ ସ୍ପଷ୍ଟ ହୋଇନି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ନିଃସ୍ୱାର୍ଥପର ଭାବନା ରହିଲେ ଦୁର୍ନୀତି ହ୍ରାସ ସମ୍ଭବ

**ରାୟଗଡ଼ା ଅଫିସ,୩୧।୧୦**

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଗଜପତି ଛକ ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲାପାଳ ପ୍ରମୋଦ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଡ଼ିଆରଡ଼ିଏ ଅଫିସ ନିକଟରେ ପହଞ୍ଚିଥିଲା। ଏଥିରେ ରାୟଗଡ଼ା ମହିଳା ମହାବିଦ୍ୟାଳୟ, ଜିସିଡ଼ି ଉଚ୍ଚ ବିଦ୍ୟାଳୟ, ସରକାରୀ ତାଲିମପ୍ରାପ୍ତ ଶିଳ୍ପାନୁଷ୍ଠାନ, ଯୁଜିଏମ୍‌ଆଇଟିର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା ଗୃହରେ ଜିଲାପାଳଙ୍କ ଅଧକ୍ଷତାରେ ଏକ



ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଅଧିକାରୀ, ଲୋକପ୍ରତିନିଧି ଓ ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

ବୈଠକ କରାଯାଇଥିଲା। ସ୍ୱାର୍ଥପରତା ମଣିଷକୁ ଦୁର୍ନୀତିମୁହଁକୁ ଠେଲି ଦେଉଛି। ସମସ୍ତେ ସଚେତନ ହୋଇ ନିସ୍ୱାର୍ଥପର ଭାବେ ଅନ୍ୟର ମଙ୍ଗଳ କଥା ଚିନ୍ତା କଲେ ଦୁର୍ନୀତି ଆପେ ଆପେ ଦୂର ହେବ ବୋଲି ଜିଲାପାଳ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ଅତିଥିଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗ ଦେଇଥିଲେ। ଲୋକେ ସଚେତନ ହେଲେ ଦୁର୍ନୀତିକୁ ରୋକାଯାଇ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ଏସ୍‌ପି ଡ.ସର୍ବଣା ବିବେକ ଏମ୍ ଯୋଗ ଦେଇ ସୁସ୍ଥ ସମାଜ ଗଠନ ପାଇଁ ଆଗାମୀ ପିଢ଼ିକୁ ଆହ୍ୱାନ କରିଥିଲେ। ଗ୍ରାମାଞ୍ଚଳରେ ମଧ ଏହି ସଚେତନତାର ଆବଶ୍ୟକତା ରହିଛି ବୋଲି ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା କହିଥିଲେ। ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା, ଆଇନଜୀବୀ ତଥା ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଦୁର୍ନୀତି ନିବାରଣ ଅଧିକାରୀ ଅରୁଣ କୁମାର ନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଅଧିକାରୀ ଓ ଉପସ୍ଥିତ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ପୂର୍ବରୁ ଏହି ଦିବସ ଉପଲକ୍ଷେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରାସ୍କୃତ କରାଯାଇଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ତରୀୟ ଯୁକ୍ତ ୩ ପରୀକ୍ଷା

# ମୁନିଗୁଡ଼ା ଛାତ୍ରୀଛାତ୍ରଙ୍କ କୃତିତ୍ୱ



ରିତୁ କାଟି



ଦେବାଶିଷ ନାୟକ



ମିହିରି ଷଡ଼ଙ୍ଗୀ

**ମୁନିଗୁଡ଼ା, ୩୧।୧୦(ଡି.ଏନ୍.ଏ)**

ଚଳିତବର୍ଷ ମାର୍ଚ୍ଚ ମାସରେ ହୋଇଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ରାୟଗଡା ଜିଲା ମୁନିଗୁଡା ସ୍ନାତକ ମହାବିଦ୍ୟାଳୟର ତିନି ଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ପରୀକ୍ଷା ଫଳରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ମୁନିଗୁଡା ସ୍ନାତକ ମହାବିଦ୍ୟାଳୟର ତିନି ଜଣଙ୍କ ନାମ ରହିଛି। ଆଇଆର୍ ଆଣ୍ଡ ପିଏମ୍ ବିଭାଗରେ ମିହିର ଷଡ଼ଙ୍ଗୀ ୧୦୮୦ ନମ୍ବର ରଖି ଦ୍ୱିତୀୟ ହୋଇଛନ୍ତି। ରାଜନୀତି ବିଜ୍ଞାନରେ ଦେବାଶିଷ ନାୟକ ୧୧୧୬ ମାର୍କ ରଖି ଚତୁର୍ଥ ହୋଇଥିବା ବେଳେ ଓଡିଆ ଭାଷା ଓ ସାହିତ୍ୟରେ ରିତୁ କାଟି ୧୦୯୦ ମାର୍କ ରଖି ତୃତୀୟ ହୋଇଛନ୍ତି। ବିଶ୍ୱବିଦ୍ୟାଳୟସ୍ତରରେ ମୁନିଗୁଡା ମହାବିଦ୍ୟାଳୟ ପାଇଁ ଗୌରବ ଆଣି ଥିବାରୁ ଏହି ତିନି ଜଣଙ୍କୁ ମୁନିଗୁଡା ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ହୃଷୀକେଶ ଜାଲି ଓ ଅନ୍ୟ ଅଧାପିକା, ଅଧାପକମାନେ ଶୁଭେଚ୍ଛା ଜଣାଇଛନ୍ତି।




ଗଣଦୌଡ଼ରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

# ଏକତା ଦିବସରେ ଗଣଦୌଡ଼

**ରାୟଗଡ଼ା ଅଫିସ ,୩୧।୧୦**

ରାୟଗଡ଼ା ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହା ସ୍ଥାନୀୟ ସାଉଥ୍-କୋ ଅଫିସରୁ ବାହାରି ଜିସିଡ଼ି ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର, ମହିଳା ମହାବିଦ୍ୟାଳୟର ଛାତ୍ରୀ, ଜିସିଡ଼ି ହାଇସ୍କୁଲର ଛାତ୍ରୀଛାତ୍ର ସିଆରପିଏଫ୍ ଯବାନ, ଏନ୍‌ସିସି କମାଣ୍ଡାଣ୍ଟ ଓ ପୋଲିସ ସାମିଲ ହୋଇଥିଲେ। ଏଥିରେ ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ରାଜପୁତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଏସ୍‌ପି ଡ.ସର୍ବଣା ବିବେକ ଏମ୍, ବି.ଏସ୍‌ଏଫ କମାଣ୍ଡାଣ୍ଟ, ଯୋଗେନ୍ଦ୍ର ଅଗ୍ରୱାଲ, ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ସେକେଣ୍ଡାଣ୍ଟ କମାଣ୍ଡାଣ୍ଟ ମିଟୁ ରୟ, ଡ଼େପୁଟି କମାଣ୍ଡାଣ୍ଟ ଅଶୋକ ପି.ଏମ୍, ରାୟଗଡ଼ା ସିଆରପିଏଫ ୪ର୍ଥ ବାଟାଲିୟନ ଡ଼େପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର, ଡ଼ିଆଇଜିପି ଡ଼େପୁଟି କମାଣ୍ଡାଣ୍ଟ ଏସ୍.କେ. ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏକତା ହିଁ ବିଜୟର ମୂଳମନ୍ତ୍ର ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସିଆର୍‌ପିଏଫ୍ ଯବାନଙ୍କ ମଧ୍ୟରେ ଏକ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ନାଗଚତୁର୍ଥୀ ପାଳିତ

**ମୁନିଗୁଡା/କୋଲନରା/ଟିକିରି, ୩୧।୧୦(ଡି.ଏନ୍.ଏ.)**

ଗୁରୁବାର ରାୟଗଡ଼ାର ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ ପାଳିତ ହୋଇଛି। ଏହି ଅବସରରେ ସମସ୍ତେ ନୂତନ ବସ୍ତ୍ର ଧାରଣ କରି ବିଲ ଓ ହୁଙ୍କା ନିକଟରେ ଝୋଟି ପକାଇବା ସହ ଦୀପ, ଧୂପ, ଝୁଣା ଦେଇ ପୂଜାର୍ଚ୍ଚନା କରିଛନ୍ତି। ପରେ ବିଭିନ୍ନ ଭୋଗ ଲଗାଯାଇଥାଏ। ରାଶି, ଚାଉଳ ଚୁନାରେ ତିଆରି ପିଠା ଓ ହଳଦୀକୁ ବିଲରେ ପକାଯାଇ ଥାଏ। ମାନସିକଧାରୀମାନେ ନିଜ ମାନସିକ ହିସାବରେ ତମ୍ବା, ରୁପା ଓ ସୁନାର ନାଗ ନାଗୁଣୀ ପକାଇ ଥାନ୍ତି। ଶେଷରେ ବିଲର ମାଟିକୁ ନେଇ ମଥା ଏବଂ କାନରେ ଲଗାଇଥାନ୍ତି। ଏହା ଦ୍ୱାରା ମାନସିକ ପୂରଣ ହେବା ସହ ସର୍ପ ଦୋଷରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି।



ଟିକିରିରେ ପୂଜାର୍ଚ୍ଚନା କରାଯାଉଛି।

### ସଡ଼କ ସୁରକ୍ଷା ସଚେତନତା

**ରାୟଗଡ଼ା ଅଫିସ ,୩୧।୧୦**

ବିଜୁ ଯୁବ ବାହିନୀ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାୟଗଡ଼ା ପୌରପରିଷଦର ୩ ଓ ୪ ନମ୍ବର ୱାର୍ଡରେ ଯୁବ ବାହିନୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ରାମକୃଷ୍ଣ ନଗର ଝୋଡ଼ିଆ ସାହିରୁ ଏକ ଶୋଭାଯାତ୍ରା ବାହାରିଥିଲା। ରାୟଗଡ଼ା ଜିଲା ବିଜୁ ଯୁବ ବାହିନୀ ପ୍ରକଳ୍ପ ଅଧିକାରୀ ଶିଶିର କୁମାର ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବ ବାହିନୀ ସଦସ୍ୟମାନେ ନୂତନ ମୋଟର ଯାନ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହା ସହରର କୋରାପୁଟ ଛକ, ନୂତନ ବସ୍‌ଷ୍ଟାଣ୍ଡ ଛକ ଦେଇ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା। ଚୈତନ୍ୟ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଗୋବିନ୍ଦ କଲକା, ଶେଖ ହାମିଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛତୁଆ ବଣ୍ଟନକୁ ନେଇ ଗଣ୍ଡଗୋଳ

**କାଶୀପୁର, ୩୧।୧୦ (ଡି.ଏନ୍.ଏ.)**

କାଶୀପୁର ବ୍ଲକ ଅଧୀନ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନକୁ ନେଇ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଗୁରୁବାର ଗଣ୍ଡଗୋଳ ହୋଇଛି। ଏ ନେଇ ଗୋଟିଏ ଗୋଷ୍ଠୀ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କାଶୀପୁର ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯାଉଛି। କାଶୀପୁରରେ ୨୦୧୧ରୁ ୧୪ଟି ଅଙ୍ଗନୱାଡି କେନ୍ଦ୍ରରେ ସ୍ଥାନୀୟ ବୁଢା ରାଜା ଏସ୍‌ଏଚ୍‌ଜିକୁ ଗୋଷ୍ଠୀଙ୍କୁ ଦିଆଯାଇଥିଲା। କିନ୍ତୁ ସେମାନେ ନିମ୍ନମାନର ଛତୁଆ ଦେଉଥିବାରୁ ରାୟଗଡ଼ା ଉପଜିଲାପାଳ ଏହାକୁ ରଦ୍ଦ କରିଥିଲେ। ପରେ ମା' ଭଗବତୀ ଏସ୍‌ଏଚ୍‌ଜିକୁ ଛତୁଆ ବଣ୍ଟନ ପାଇଁ ଗତ ୧୬ ତାରିଖରେ ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହି କ୍ରମରେ ମା' ଭଗବତୀ ଗ୍ରୁପ ଗୁରୁବାର କାଶୀପୁରର ଏକ ଅଙ୍ଗନୱାଡିରେ ଛତୁଆ ବାଣ୍ଟି ଫେରୁଥିବାବେଳେ ବୁଢାରାଜା ମହିଳା ଗ୍ରୁପ ସେମାନଙ୍କ ସହ ଝଗଡ଼ା ଓ ମାରପିଟ କରିଥିଲେ। ଏ ନେଇ ମା' ଭଗବତୀ ଗ୍ରୁପର କୌଶଲ୍ୟା ନାୟକ କାଶୀପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ କାଶୀପୁର ସିଡିପିଓଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜିଲା ପ୍ରଶାସନ କାଶୀପୁର ବ୍ଲକରେ ମା' ଭଗବତୀ ଏବଂ ପ୍ରିୟଦର୍ଶିନୀ ଗ୍ରୁପ୍‌କୁ ଏହି ଛତୁଆ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।ବୁଢ଼ାରାଜା ଗ୍ରୁପକୁ ଜିଲା ପ୍ରଶାସନ ଏହି ଛତୁଆ ବଣ୍ଟନରୁ ରଦ୍ଦ କରିଛି ବୋଲି ସେ କହିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମା' ଭଗବତୀ ଗ୍ରୁପର ସଭାପତି ଯୋଗେଶ୍ୱରୀ ନାଏକ, ସମ୍ପାଦକ କବିତା ମହାନ୍ତି ଦାବି କରିଛନ୍ତି।

# ନବଭାରତ ନିର୍ମାଣ ଲକ୍ଷ୍ୟରେ ଗାନ୍ଧୀ ସଂକଳ୍ପ ଯାତ୍ରା




ଭାଜପା ପକ୍ଷରୁ ବାହାରିଥିବା ସଙ୍କଳ୍ପ ଯାତ୍ରା।

**ରାୟଗଡା ଅଫିସ, ୩୧।୧୦**

ଜିଲା ଭାଜପା ପକ୍ଷରୁ ଗୁରୁବାର ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାଟି ସ୍ଥାନୀୟ ମା' ମଝିଘରିଆଣୀଙ୍କ ମନ୍ଦିରରୁ ବାହାରି ଶାରଳା ଛକ ପର୍ଯ୍ୟନ୍ତ ଯାଇଥିଲା। ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ମନରେ ରଖି ନବଭାରତ ନିର୍ମାଣ କରିବା ଲକ୍ଷ୍ୟରେ ଏହି ଶୋଭାଯାତ୍ରା କରାଯାଉଛି ବୋଲି ଭାଜପା ନେତା ଓ କର୍ମୀମାନେ କହିଥିଲେ। ପ୍ଲାଷ୍ଟିକ ବ୍ୟବହାର ନ କରିବା, ପ୍ଲାଷ୍ଟିକ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରିବାକୁ ସେମାନେ ଲୋକମାନଙ୍କୁ ସଚେତନ କରିଥିଲେ। ଏଥିସହ ଜଳ ସଂରକ୍ଷଣ ଓ ଜନସଂଖ୍ୟା ନିୟନ୍ତ୍ରଣ ବାର୍ତ୍ତା ପ୍ରଚାର କରିଥିଲେ। ଲୋକଙ୍କ ସୁଖ ଦୁଃଖରେ ଭାଗୀଦାର ହୋଇ ଦେଶ ବିକାଶ ପଥରେ ନେବାକୁ ସେମାନେ ସଙ୍କଳ୍ପ ନେଇଥିଲେ।

# ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭାମାନେ।

**ବିଷମକଟକ, ୩୧।୧୦**

ବିଷମକଟକ ସଦର ମହକୁମାରେ ଆଫ୍‌ସା ପକ୍ଷରୁ ମିନି ମାରାଥନ୍ ଓ ସମ୍ବର୍ଦ୍ଧନା ସଭା କରାଯାଇଛି। ଏଥିରେ ବିଷମକଟକ ଏସ୍.ଡି.ପି.ଓ. ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମାରାଥନର ପୁରୁଷ ବର୍ଗରେ ଈଶ୍ୱର ହିକ୍‌କା ପ୍ରଥମ, ବଳଭଦ୍ର ହିକ୍‌କା ଦ୍ୱିତୀୟ, ସଞ୍ଜୟ ନିଶିକା ତୃତୀୟ ହୋଇଥିଲେ। ବାଳିକା ବର୍ଗରେ ଗୀତା କୁମୁରିକା ପ୍ରଥମ, ଆରତି କୁମୁରିକା ଦ୍ୱିତୀୟ ଏବଂ ସଂଯୁକ୍ତା ଗୁମିଡିଙ୍ଗା ତୃତୀୟ ହୋଇଛନ୍ତି। ଚିତ୍ରାଙ୍କନରେ ନାଁ କରିଥିବା ସ୍ଥାନୀୟ ନ୍ୟୁ ଲାଇଫ୍ ଇଂରାଜୀ ବିଦ୍ୟାଳୟର ଛାତ୍ରୀ ଆୟୁସିତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ବିଷମକଟକର ପ୍ରତ୍ନତତ୍ତ୍ୱବିତ୍ ଐତିହାସିକ ଗବେଷକ ଶ୍ରୀରଙ୍ଗ ନାୟକ, ଜାତୀୟସ୍ତରର ବନ୍ଧୁକଚାଳନା ପ୍ରତିଯୋଗୀ ବିଜୟ କିଶୋର ପଟ୍ଟନାୟକ, ସିପକ୍‌ଟାକର ବିଶ୍ୱକପ୍‌ରେ ଭାରତ ଦଳର ମ୍ୟାନେଜର ପୃଥ୍ୱୀରାଜ ସାହୁ, ଚଳିତ ବର୍ଷ ଶ୍ରୀଲଙ୍କାରେ ଆୟୋଜିତ ସଟଗନ୍ ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ ବିଜେତା ଏଲ୍.ରମେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଷମକଟକ ଥାନାଧିକାରୀ ଯଶୋବନ୍ତ ହିଆଲ, ଆଇନଜୀବୀ ଚନ୍ଦ୍ରମୌଳି ପଟ୍ଟନାୟକ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୁବ୍ରତ ଷଡଙ୍ଗୀ ଉପସ୍ଥିତ ଥିଲେ। ଆଫ୍‌ସା ସଂଘ ସଭାପତି ଏମ୍.ଦିଲୀପ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମିନି ମାରାଥନ ଆୟୟୋଜିତ ହୋଇଥିଲା। ସମ୍ପାଦକ ଅତିଶ ପଟ୍ଟନାୟକ, ଗଙ୍ଗାଧର ପାଣି, ଗୌରୀ ପ୍ରସାଦ ପାତ୍ର ଏବଂ ସମସ୍ତ ସଂଘ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଏକତା ହିଁ ବିଜୟର ମୂଳମନ୍ତ୍ର

**ଗୁଣପୁର,୩୧।୧୦(ଡି.ଏନ୍.ଏ.)**

ରାୟଗଡ଼ାର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଗଣଦୌଡ଼ ଓ ଶୋଭାଯାତ୍ରାମାନ କରାଯାଇଛି।

ଏହି ଅବସରରେ ଗୁଣପୁରରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଗଣଦୌଡ଼କରାଯାଇଥିଲା।ଏହିଗଣଦୌଡ ନୂତନ ବସଷ୍ଟାଣ୍ଡରୁ ବାହାରି ଗୁଣପୁର କଲେଜ ପର୍ଯ୍ୟନ୍ତ ଯାଇଥିଲା। ପ୍ରିନ୍ସପାଲ ଡ. କେ. ସେନ୍ଥିଲ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଭା କରାଯାଇଥିଲା। ଅତିଥିମାନେ ଏକତା ହିଁ ବିଜୟର ମୂଳମନ୍ତ୍ର ବୋଲି କହିଥିଲେ। ଏଥିରେ ଜାତୀୟ ଏକତା ରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କ୍ରୀଡ଼ାଧିକାରୀ ରବୀନ୍ଦ୍ର ପଣ୍ଡା, ଏନ୍‌ଏସ୍‌ଏସ୍ ଆବାହକ ଡ.ପ୍ରେମାଂଶୁ ଶେଖର ରଥ, ଶୁଭଦ ପଣ୍ଡା, ଭି.ଗଣେଶ, ଏମ୍.ଶ୍ରାବଣୀ, ଦେବାଶିଷ ପଟ୍ଟନାୟକ ଏବଂ ରଶ୍ମିପ୍ରଭା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁଣପୁର କଲେଜରେ ମଧ ଜାତୀୟ ଏକତା ଦିବସ ପାଳନ କରାଯାଇଛି।ଏକତା ଦିବସର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ କହିଥିଲେ। ରାଷ୍ଟ୍ରୀୟ ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ପାଳନ କରାଯାଇଥିଲା। ଏନ୍‌ଏସ୍‌ଏସ୍ ଉପଦେଷ୍ଟା ଶଶିଭୂଷଣ ମହାନ୍ତି ସ୍ୱେଚ୍ଛାସେବୀଙ୍କ ମାର୍ଗଦର୍ଶନ କରାଇଥିଲେ। ଜୟଶ୍ରୀ ଜେଟି, ଅମିୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦୟ ଶଙ୍କର ପାତ୍ର, ପ୍ରାଞ୍ଜଳି ପାତ୍ର, ଦେବାଶିଷ ପଣ୍ଡା, ଅଭୀପ୍ସା ପଣ୍ଡା ଏହାକୁ ସଂଯୋଜନା କରଥିଲେ।



ଗୁଣପୁରରେ ଛାତ୍ରମାନଙ୍କ ଗଣଦୌଡ ଚାଲିଛି।



ମୁନିଗୁଡା ଗଣଦୌଡ଼ରେ ସାମିଲ ହୋଇଥିବା ଯବାନ ଓ ପୋଲିସ।

ମୁନିଗୁଡାରେ ସିଆର୍‌ପିଏଫ୍ ୮ମ ବାଟାଲିୟନ ଯବାନଙ୍କ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଅଷ୍ଟମ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏନ୍‌କେ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେକେଣ୍ଡ କମାଣ୍ଡାଣ୍ଟ ଫ୍ରାନ୍ସିସ୍ ଟିର୍କି ଓ ଡେପୁଟି କମାଣ୍ଡାଣ୍ଟ କଦମ ସିଂ ଦଲାଲଙ୍କ ମିଳିତ ନେତୃତ୍ୱରେ ଯବାନମାନେ ଝିଲିଗୁଡାସ୍ଥିତ ସିଆର୍‌ପିଏଫ୍ ଅଫିସରୁ ଏକ ବାଇକ୍ ରାଲିରେ ବାହାରିଥିଲେ। ରାଲିଟି ମୁନିଗୁଡା ଥାନା ନିକଟରେ ପହଞ୍ଚିବା ପରେ ଥାନାଧିକାରୀ ଜନାର୍ଦ୍ଦନ ଓରାମଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ରାଲିରେ ସାମିଲ ହୋଇଥିଲେ। ସେମାନେ ସହର ପରିକ୍ରମା କରି କଲେଜ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ଥାନାକୁ ଆସିଥିଲେ। ଯବାନ ଓ ପୋଲିସ କର୍ମଚାରୀମାନେ ରାଷ୍ଟ୍ରୀୟ ଏକତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ପିଏଫ୍ ଏସ୍‌ଆଇ ପୂର୍ଣ୍ଣଦେବ ବର୍ମା, ଏଏସ୍‌ଆଇ ନରେନ୍ଦ୍ର ସିଂ, କିଶୋର ପଟ୍ଟନାୟକ ଓ ପି.ମୋହନ ରାଓ ପ୍ରମୁଖଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ